## ସଂକ୍ଷେପରେ

### ୮ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ,୬।୯:** ଢେଙ୍କାନାଳ ଜିଲାରେ ସୋମବାର କରୋନାରେ ୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଦିନକରେ ୧୧ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଓଡାପଡା ବ୍ଲକରୁ ୨, କାମାକ୍ଷାନଗରରୁ ୨, କଙ୍କଡାହାଡରୁ ୨, ଢେଙ୍କାନାଳ ପୌରାଞ୍ଚଳରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଦିନକରେ ହୋଇଥିବା ୭୯୭ ଟେଷ୍ଟିଂକୁ ମିଶାଇ ଜିଲାରେ ମୋଟ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୩୫ ହଜାର ୧୪୮ରେ ହୋଇଥିବାବେଳେ ୧୯ ହଜାର ୬୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ହଜାର ୨୨୯ଜଣ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ଜିଲାରେ ୧୭୦ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ସଂଖ୍ୟା ୨୩୯ ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ,୬।୯:** ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଢେଙ୍କାନାଳ ସହରସ୍ଥିତ ମହିଷାପାଟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅରୁଣ କୁମାର ବଳିଆରସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଦାବି ପୂରଣ ହେଉ ନ ଥିବାରୁ ସମିତି ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହିତ ଆସନ୍ତା ୮ ତାରିଖରେ ରାଜ୍ୟର ୩ଟି ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚରମପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସରକାରୀ କର୍ମଚାରୀଙ୍କ ଜରୁରୀ ସମସ୍ୟା ସମାଧାନ କରାଯାଉ ନାହିଁ। କରୋନା ଯୋଦ୍ଧା ଭାବେ ଘୋଷିତ କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କୁ ପ୍ରୋତ୍ସାହନ ଭତ୍ତା ଦିଆଯାଉନାହିଁ। ବର୍ଦ୍ଧିତ ଦରମାର ୫୦ ପ୍ରତିଶତ ଓ ସଂଶୋଧିତ ଘରଭଡା ଭତ୍ତା ମଧ୍ୟ ୪ବର୍ଷ ମଧ୍ୟରେ ଦିଆଗଲା ନାହିଁ। ଅର୍ଥାଭାବର ଦ୍ୱାହିଦେଇ ୩କିସ୍ତି ମହଙ୍ଗାଭତ୍ତା ଘୋଷଣା କରିବାର ସୂଚନା ଦେଖାଯାଉ ନାହିଁ। ରାଜ୍ୟ ସରକାରଙ୍କର କର୍ମଚାରୀ ବିରୋଧୀ ଆଭିମୁଖ୍ୟ ବିରୋଧରେ ଜୁଲାଇ ୧୫ ତାରିଖରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବକେୟା ମହଙ୍ଗାଭତ୍ତା, ଏରିୟର ସହିତ ସଂଶୋଧିତ ଘରଭଡା ପ୍ରଦାନ, ବର୍ଦ୍ଧିତ ଦରମାର ଗଚ୍ଛିତ ଅବଶିଷ୍ଟ ୫୦ ପ୍ରତିଶତ ଅର୍ଥ ପ୍ରଦାନ, ଠିକା ଓ ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଏବଂ ଖାଲି ସ୍ଥାନରେ ନିୟମିତ ନିଯୁକ୍ତି ଆଦି ଦାବି ତୁରନ୍ତ ପୂରଣ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥି, ଜିଲା ସମ୍ପାଦକ ବାବୁରାମ ପାତ୍ର, ରବି ମହାନ୍ତି, ଆର୍ଯ୍ୟଭୂଷଣ ନାୟକ, ଜଗଦୀଶ ପରିଡା, ରାମଚନ୍ଦ୍ର ଜେନା, ପ୍ରତାପହରି ପ୍ରଧାନ, ମନୋଜ ସାହୁ, ବିଶ୍ୱରଞ୍ଜନ ବ୍ରହ୍ମ, ମାନସ ସାହୁ, ନିରଞ୍ଜନ ପାତ୍ର, ବିକାଶ କୁମାର ରେଡ୍ଡୀ, ନାରାୟଣ ମହାପାତ୍ର ଓ ହାଡିବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତିସଂଘ ଦିବସ ପାଳିତ

**ଢେଙ୍କାନାଳ ଅଫିସ,୬।୯:** ଢେଙ୍କାନାଳ ରଥଗଡାସ୍ଥିତ ଉଫୁନା ଅନୁଷ୍ଠାନ କାର୍ଯ୍ୟାଳୟରେ ସୋମବାର ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ ଭର୍ଚୁଆଲ ମାଧ୍ୟମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜଜ୍ ଭିକାରୀ ଚରଣ ରାଉତ, ସାମାଜିକ କର୍ମୀ ସରୋଜ ଶତପଥୀ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଅକ୍ଷୟ ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ବାହାଦୁର ପାଟସାହାଣୀ ପ୍ରମୁଖ ଯୋଗଦେଇ ଜାତିସଂଘ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ତାରାପ୍ରସନ୍ନ ଶତପଥୀ, ଅଧାପିକା ମଞ୍ଜୁଶ୍ରୀ ମୁଖୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ଢେଙ୍କାନାଳ ଅଫିସ,୬।୯:** ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡିଆ ଫାଣ୍ଡି ବଉଳପୁର ପାଟଣା ଗ୍ରାମର ମତ୍ସ୍ୟଜୀବୀ ଅମରେନ୍ଦ୍ର ସାମଲ(୩୭)ଙ୍କ ମୃତଦେହ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରୁ ସୋମବାର ଜବତ ହୋଇଛି। ସେ ରବିବାର ନଦୀକୁ ମାଛ ମାରିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ସଦସ୍ୟ ଓ ଅଗ୍ନିଶମ ସଂସ୍ଥା ଦ୍ୱାରା ବହୁ ଖୋଜାଖୋଜି କରାଯିବା ପରେ ସୋମବାର ପୂର୍ବାହ୍ନରେ ଅମରେନ୍ଦ୍ରଙ୍କ ମୃତଦେହ ନଦୀ କୂଳରୁ ଉଦ୍ଧାର କରାଯାଇଥିଲା। ଖବରପାଇ ସଦର ଥାନା ଓ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ମଧ୍ୟ ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୪୧।୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଆକର୍ଷଣୀୟ ହେବନି ଆରାଧନା



ନାଲକୋ ପ୍ରଶାସନ ପକ୍ଷରୁ ସୋମବାର ଅନୁଷ୍ଠିତ ବୈଠକ।

**ଉପେନ୍ଦ୍ର ରାଉତ**
**ବଣ୍ଟେଁରପାଳ,୬।୯**

- ଫଟୋରେ ପୂଜା ପାଇବେ ଦେବଶିଳ୍ପୀ
- ଏବର୍ଷ ମଧ ଝଲସିବନି ନାଲ୍‌କୋନଗର

ଦିନ କେଇଟା ପରେ ବିଶ୍ୱକର୍ମା ପୂଜା। ମହାମାରୀ କରୋନା ବ୍ୟାପୁ ନ ଥିଲେ ଏତେବେଳକୁ ଚଳଚଞ୍ଚଳ ହୋଇଉଠିଥାନ୍ତା ଅନୁଗୋଳ ଜିଲାର ନାଲ୍‌କୋନଗର। ଚମତ୍କାର ସାଜସଜ୍ଜା ସହ ପ୍ରତିଯୋଗିତାମୂଳକ ପୂଜାମଣ୍ଡପ, ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଥାନ୍ତେ ସ୍ମେଲଟର ଓ ସିପିପି ପ୍ଲାଣ୍ଟର ବିଭିନ୍ନ ଅନୁଷ୍ଠାନ। କିନ୍ତୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଦେବଶିଳ୍ପୀଙ୍କ ଆରାଧନା ଆକର୍ଷଣୀୟ ହେବନାହିଁ। ସରକାର କଡ଼ା କଟକଣା ଜାରି କରିଥିବାରୁ ଝଲସିବନି ଆଲୁମିନିୟମ ନଗରୀ। ମଣ୍ଡପରେ ହେବନି ମୂର୍ତ୍ତିପୂଜା। କେବଳ ବିଧି ରକ୍ଷା ପୂର୍ବକ ଫଟୋ ରଖାଯାଇ ପୂଜାର୍ଚ୍ଚନା କରାଯିବ।

ନାଲ୍‌କୋ ନଗରରେ ୨୩ଟି ମଣ୍ଡପରେ ବିଶ୍ୱ ନିର୍ମାତାଙ୍କ ପୂଜା କରାଯାଇଥାଏ। ପଟ୍‌ଲାଇନ୍, କାଷ୍ଟ ହାଉସ, ରୋଡିଂ ଶପ୍, ଆରପିୟୁ, ସିଭିଲ, ଉଦ୍ୟାନ, ସିପିପି ଅପରେଶନ, ଇଲେକ୍ଟ୍ରିକାଲ, କାର୍ବନ ଏରିଆ, ଠିକାଦାର ସଂଘ ପକ୍ଷରୁ ବଡ଼ ବଡ଼ ତୋରଣ କରାଯାଇଥାଏ। ୭ ଦିନ ଧରି ଧୁମ୍‌ଧାମରେ ହେଉଥିବା ଏହି ପୂଜାକୁ ନେଇ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠେ। ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ସହ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଦୋକି ବ୍ୟବସାୟୀମାନେ ଏଠାରେ ଭଲ ବ୍ୟବସାୟ କରିଥାନ୍ତି। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ସେହିପରି ଭସାଣି ଉତ୍ସବ ମଧ୍ୟ ଜାକଜମକରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ କୋଭିଡ୍ କାରଣରୁ ଚଳିତବର୍ଷ କେବଳ ବିଧି ରକ୍ଷା ପାଇଁ ପୂଜା ପାଳନ କରାଯିବ। ମୂର୍ତ୍ତି ପରିବର୍ତ୍ତେ ଫଟୋରେ ଦେବଶିଳ୍ପୀଙ୍କୁ ଆବାହନ କରାଯିବ ବୋଲି ନାଲକୋ ପ୍ରଶାସନ ପକ୍ଷରୁ ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ମାନବ ସମ୍ବଳ ମହାପ୍ରବନ୍ଧକ ଏସ.ଏନ. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଜିଏମ୍ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟନାୟକ, ମହାପ୍ରବନ୍ଧକ ଏସ୍. ଏମ. ଅଲି, ୱେଲଫେୟାର କମିଟି ସଦସ୍ୟ କେ. କେ. ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ପୂଜା କମିଟି ସଦସ୍ୟ ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

#### ଧୁମ୍‌ଧାମ୍‌ରେ ପାଳନ ହେବନି



“କରୋନା କାରଣରୁ ସରକାର କଡ଼ା କଟକଣା ଜାରି କରିଛନ୍ତି। ତେଣୁ ନାଲ୍‌କୋ ନଗରରେ ଚଳିତବର୍ଷ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଧୁମ୍‌ଧାମରେ ପାଳନ କରାଯିବନି। କେବଳ ବିଧିରକ୍ଷା ପାଇଁ ବିଭିନ୍ନ ବିଭାଗରେ ଫଟୋ ପୂଜା ହେବ।

-ମଣିରଞ୍ଜନ ପଟ୍ଟନାୟକ, ଇଷ୍ଟେଟ ଅଧିକାରୀ

#### ୨ ବର୍ଷ ହେବ ବଞ୍ଚିତ



“ନାଲକୋନଗର ବିଶ୍ୱକର୍ମା ପୂଜା ରାଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଛି। ଦୀର୍ଘ ବର୍ଷ ହେଲା ଏହା ଧୁମ୍‌ଧାମରେ ପାଳନ ହୋଇଆସୁଥିଲା। କିନ୍ତୁ ଗତବର୍ଷଠାରୁ ମହାମାରୀ ବ୍ୟାପୁଥିବାରୁ ଦେବଶିଳ୍ପୀଙ୍କ ପୂଜାରେ ବାଧା ଉପୁଜୁଛି।

-ନିର୍ମଳ ସାମଲ, ସାଧାରଣ ସମ୍ପାଦକ, ନେସ୍

#### ଖାଁ ଖାଁ ଲାଗିବ ମଣ୍ଡପ



“ପ୍ରତିବର୍ଷ ବିଶ୍ୱକର୍ମା ପୂଜାରେ ନାଲକୋନଗର ପ୍ରକମ୍ପିତ ହୋଇଉଠିଥାଏ। ହେଲେ ଦୁଇବର୍ଷ ହେଲା କେବଳ ଫଟୋ ରଖାଯାଇ ପୂଜା କରାଯାଉଛି। କୌଣସି ସାଜସଜ୍ଜା କି ମୂର୍ତ୍ତି ପୂଜା ହେଉ ନ ଥିବାରୁ ମଣ୍ଡପ ଖାଁ ଖାଁ ଲାଗୁଛି।

-ପ୍ରକାଶ ବେହେରା, ସମ୍ପାଦକ, କାଷ୍ଟ ହାଉସ ପୂଜା କମିଟି

#### ପ୍ରଶାସନର କଟକଣାକୁ ସ୍ୱାଗତ



“ଦେବଶିଳ୍ପୀଙ୍କ ଆରାଧନା ପାଇଁ ନାଲ୍‌କୋନଗର ୭ ଦିନ ଧରି ଉତ୍ସବମୁଖର ହୋଇଉଠେ। ୱେଲଫେୟାର କମିଟି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ କରୋନା ସଂକ୍ରମଣ ଅଧିକ ବ୍ୟାପିବା ଭୟ ଥିବାରୁ କଟକଣା ସ୍ୱାଗତଯୋଗ୍ୟ।

-କେ. କେ. ବେହେରା, ସଦସ୍ୟ ୱେଲଫେୟାର କମିଟି

#### ଖୁସି ଛଡ଼ାଇନେଲା କରୋନା



“ପ୍ରତିବର୍ଷ ୨୩ ମଣ୍ଡପରେ ଆକର୍ଷଣୀୟ ଭାବେ ପୂଜା ପାଳିତ ହୋଇଥାଏ। କିନ୍ତୁ କରୋନା ଆସିବା ପରଠାରୁ ଦୁଇବର୍ଷ ହେଲା ନାଲ୍‌କୋନଗରବାସୀଙ୍କ ଖୁସି ଛଡ଼ାଇ ନେଇଛି। ମଣ୍ଡପଠାରୁ ଆରମ୍ଭ କରି କଲୋନୀ ସବୁ ଖାଁ ଖାଁ ଲାଗୁଛି।

-ସୁଜିତ ସେଠ, କାର୍ଯ୍ୟକାରୀ ସଭାପତି, ଏନ୍‌ଏସ୍‌ସିୟୁ

# ‘ମାତାପିତା ପ୍ରଥମ ଗୁରୁ’



ଭାରତୀୟ ଯୋଗ ସଂସ୍ଥା ପକ୍ଷରୁ ଯୋଗ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ,୬।୯**

ଭାରତୀୟ ଯୋଗ ସଂସ୍ଥାନ ଢେଙ୍କାନାଳ ଶାଖା ପକ୍ଷରୁ ପୁରୁଣା ଏସ୍‌ପି ଅଫିସ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ଏସ୍‌ପି କେ. ଶିବା ସୁବ୍ରମଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତାପିତା ଆମର ପ୍ରଥମ ଗୁରୁ ବୋଲି ମତ ରଖିଥିଲେ। ଜିଲା ପ୍ରଧାନ ସୁଶୀଲ କୁମାର ପଣ୍ଡା ସମ୍ମାନିତ ଅତିଥି ଓ ଜିଲା ସଙ୍ଗଠନ ମନ୍ତ୍ରୀ ରଘୁନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନଚର୍ଯ୍ୟା ଏବଂ ଗୁରୁ ପରମ୍ପରାର କଥା ବଖାଣିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଯୋଗ କେନ୍ଦ୍ରର ସାଧକମାନେ ଏଥିରେ ଯୋଗ ଦେଇଥିଲେ। ଓଁକାର, ଗାୟିତ୍ରୀ ମନ୍ତ୍ର, ଶାନ୍ତିପାଠ, ଆସନ, ପ୍ରାଣାୟମ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସେହିପରି ଗଁଦିଆ ବ୍ଲକ ଷଡଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଥିଲା। ଶିକ୍ଷକ ଅଜିତ କୁମାର ରାଉତ, ଶିକ୍ଷୟିତ୍ରୀ ଚଞ୍ଚଳା ସାହୁ, ହିରଣ୍ମୟୀ ପଣ୍ଡା, ଶର୍ମିଷ୍ଠା ବେହେରା, ସସ୍ମିତା ମହାନ୍ତି ଓ ମଧୁମିତା ପ୍ରଧାନ ଯୋଗ ଦେଇଥିଲେ।

# ଆଶୀର୍ବାଦ ନେଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ,୬।୯**

ଢେଙ୍କାନାଳ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ଦେଉଳସାହିସ୍ଥିତ ଶିଶୁମନ୍ଦିର ପରିସରରେ ଗୁରୁଦିବସ ପାଳନ କରାଯାଇଛି। କୋଭିଡ୍ ନିୟମ ପାଳନ କରି ଛାତ୍ରୀଛାତ୍ରମାନେ ଗୁରୁଜୀ ଓ ଗୁରୁମା’ଙ୍କୁ ପୂଜା କରି ଆଶୀର୍ବାଦ ନେଇଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ବିଶ୍ୱନାଥ ବେହେରା ମୁଖ୍ୟ ଅତିଥି, ମିଲୁଚରଣ ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ ଗୁରୁ ତଥା ପୂର୍ବତନ ରଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଉଷାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚିନ୍ତାମଣି ନାଥ, ଅରୁନ୍ଧତୀ ମହାପାତ୍ର, ସସ୍ମିତା ରଥ, ରିତା ତ୍ରିପାଠୀ, ରଶ୍ମିରେଖା ପାଣି, ପୁଷ୍ପିତା ନାୟକ, ମୀନାକ୍ଷୀ ସାହୁ, ବୀଣାପାଣି ତ୍ରିପାଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କନକଲତା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ହିନ୍ଦୋଳ ବ୍ଲକକୁ ମରୁଡ଼ି ଘୋଷଣା ଦାବି




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଙ୍ଗଠନ ସଦସ୍ୟମାନେ।

**ହିନ୍ଦୋଳ,୬।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ସାମାଜିକ ସଙ୍ଗଠନ ଆମ ହିନ୍ଦୋଳ ପକ୍ଷରୁ ଦାବି କରାଯାଇଛି। ସୋମବାର ବ୍ଲକର କୃଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଚଳିତ ବର୍ଷ ଆବଶ୍ୟକ ଠାରୁ ଢେର କମ ବର୍ଷା ହେବା ସହ ହାତୀ ଓ ବାର୍ହା ଦ୍ୱାରା ବ୍ଲକରେ ଧାନ ଫସଲ ନଷ୍ଟ ହୋଇଛି। ଫଳରେ କୃଷକମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ସେମାନେ ଧାର କରଜ କରି ଚାଷ କାର୍ଯ୍ୟ କରିଥିବାରୁ ସମ୍ପୂର୍ଣ୍ଣ ବ୍ଲକକୁ ମରୁଡି ଘୋଷଣା ସହ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ସୁଜିତ ବେହେରା, କୃଷକ ପ୍ରଦୀପ ପଟ୍ଟନାୟକ, ଧରଣୀଧର ପାଳ, ବିଜି ପାଳ, ଚକ୍ରଧର ବେହେରା, ରହେମନ ମହମ୍ମଦ, ପୂର୍ବତନ ସମିତି ସଭ୍ୟ ଅଶୋକ ସାହୁ, ହାତୁରା ସରପଞ୍ଚ ନିରାକାର ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଭାଇ ମୃତ, ଭଉଣୀ ଗୁରୁତର

**ଛେଣ୍ଡିପଦା,୬।୯(ସ୍ୱ.ପ୍ର.)**

ବିଦ୍ୟୁତ୍ ଉପକରଣ ମରାମତି ବେଳେ କରେଣ୍ଟ ଲାଗି ଭାଇଙ୍କ ମୃତ୍ୟୁ ହୋଇଛି। ଭଉଣୀ ଗୁରୁତର ହୋଇଛନ୍ତି। ସୋମବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଗାଁମହାରଣା ସାହିରେ। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ବେଳେ ଗାଁମହାରଣା ସାହିର ବାନା ମହାରଣାଙ୍କ ପୁଅ ଚନ୍ଦ୍ରଶେଖର ମହାରଣା(୨୫) ଘରେ ଇଲେକ୍ଟ୍ରି ଉପକରଣ ମରାମତି କାର୍ଯ୍ୟ କରୁଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ତାରରେ ଲାଗି ଛଟପଟ ହେଉଥିବା ଦେଖି ସାନ ଭଉଣୀ ଶୁଭ ମହାରଣା ତାଙ୍କୁ ରକ୍ଷା କରିବାକୁ ଦୌଡ଼ି ଆସିଥିଲେ। ହେଲେ ଭାଇଙ୍କ ସହ ସେ ମଧ୍ୟ ଜୋରଦାର ଆଘାତ ପାଇଥିଲେ। ଶୁଭଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ବିଦ୍ୟୁତ୍ ବିଚ୍ଛିନ୍ନ କରିବା ସହ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାଇ ଚନ୍ଦ୍ରଶେଖରଙ୍କୁ ମୃତ ଘୋଷଣା କରିଥିଲେ। ଭଉଣୀ ଶୁଭଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ସ୍ଥାପନ ହେବ ଶିଶୁ କୋଭିଡ୍ ହସ୍ପିଟାଲ




କୋଭିଡ୍ ପରିଚାଳନା ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୬।୯**

**କୋଭିଡ୍ ପରିଚାଳନା ସମୀକ୍ଷା**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀ ଜିଲାର କୋଭିଡ୍ ପରିଚାଳନା ସମୀକ୍ଷା କରିଛନ୍ତି। ଆଗାମୀ ଦିନରେ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ ଶଯ୍ୟା ବିଶିଷ୍ଟ ଶିଶୁ କୋଭିଡ୍ ଚିକିତ୍ସାଳୟ ସ୍ଥାପନ ପାଇଁ ସ୍ଥିର ହୋଇଛି। ଉପଖଣ୍ଡ ସ୍ତରରେ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କୋଭିଡ୍ ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଶିଶୁମାନେ କୋଭିଡ୍‌ରେ ଅଧିକ ଆକ୍ରାନ୍ତ ହେବାର ଆଶଙ୍କା ଥିବାରୁ ଅଭିଭାବକମାନେ ନିଜ ପିଲାମାନଙ୍କ ସ୍ୱାସ୍ଥ୍ୟପ୍ରତି ବେଶୀ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଅଙ୍ଗନୱାଡି, ଆଶା ଓ ସ୍ୱାସ୍ଥ୍ୟ କର୍ମୀ ମଧ୍ୟ ଆକ୍ରାନ୍ତ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଜାଗ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଗଣେଶ ପୂଜାକୁ ଦୃଷ୍ଟିରେ ରଖି କୋଭିଡ୍ ନିୟମକୁ କଡାକଡି ପାଳନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିୟମିତ ଭାବେ ଟେଷ୍ଟ କରାଗଲେ ସଂକ୍ରମିତମାନେ ଚିହ୍ନଟ ହେବା ସହିତ ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୫ଲକ୍ଷ ୯୨ ହଜାରରୁ ଅଧିକ ଲୋକଙ୍କୁ ଟିକା ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର ଓ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ସଦର ଉପଜିଲାପାଳ ରବି ନାରାୟଣ ତ୍ରିପାଠୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଜୟକୃଷ୍ଣ ନାୟକ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ରାୟ, ଆପାତକାଳୀନ ଅଧିକାରୀ ସ୍ମୃତି ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଲୋକପାତ

**ଢେଙ୍କାନାଳ ଅଫିସ,୬।୯**

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡସ୍ଥିତ ଲର୍ଡ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରି ଗୁରୁ ଶ୍ରେଷ୍ଠ, ଗୁରୁ ବନ୍ଦନୀୟ ଓ ଗୁରୁ ସର୍ବତ୍ର ପୂଜ୍ୟ ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଭରତ ଭୂଷଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଚିତ୍ରଶିଳ୍ପୀ କ୍ଷେତ୍ରରେ ଶିଳ୍ପୀ ପରେଶ ପଟ୍ଟନାୟକ, ସଙ୍ଗୀତ ଗୁରୁ ବ୍ରଜବନ୍ଧୁ ରଣସିଂହ, ଶିକ୍ଷାରେ ଚତୁର୍ଭୁଜ ମଲ୍ଲିକ, ନୃତ୍ୟଗୁରୁ ସନ୍ତୋଷ ପ୍ରସାଦ ଦାସ ଓ ଯୋଗଗୁରୁ ପ୍ରଳୟ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁବନ୍ଦନା ଓ ବନ୍ଦାପନା ପରେ ମୁଖ୍ୟ ଅତିଥି ପଞ୍ଚଗୁରୁଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଶ୍ରୀମଦ୍ ଭଗବତ ଗୀତା ଶ୍ଳୋକ ଉଚ୍ଚାରଣ ପ୍ରତିଯୋଗିତା ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପରିଚାଳିକା ଶୁଭଶ୍ରୀ ବେହେରା ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।



ଗୁରୁଦିବସରେ ପଞ୍ଚଗୁରୁଙ୍କୁ ସମ୍ମାନିତ କରାଯାଉଛି।

# ଆନ୍ଦୋଳନର ଚିତ୍ର ବଖାଣିଲା ବିପ୍ଳବୀ ବିହଙ୍ଗ

**ଢେଙ୍କାନାଳ ଅଫିସ,୬।୯**

ଢେଙ୍କାନାଳ ଅଲ୍‌ଟରନେଟିଭ୍ ରିଦମ ଥିଏଟର ନାଟ୍ୟାନୁଷ୍ଠାନର ୮ମ ସ୍ୱନକ୍ଷତ୍ର ଉତ୍ସବ ରବିବାର ସନ୍ଧ୍ୟାରେ ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିଶୁ କଳାକାରମାନଙ୍କ ଦ୍ୱାରା ନାଟକ ବିପ୍ଳବୀ ବିହଙ୍ଗ ମଞ୍ଚସ୍ଥ ହୋଇଥିଲା। ମହାପାତ୍ର ନୀଳମଣି ସାହୁଙ୍କ ମୂଳଗଳ୍ପକୁ ନାଟ୍ୟକାର ସୁବୋଧ ପଟ୍ଟନାୟକ ନାଟ୍ୟରୂପ ପ୍ରଦାନ କରିଥିବା ବେଳେ ଦିନେଶ ଦାସ ଏହାର ନିର୍ଦ୍ଦେଶନା ଭାର ବହନ କରିଥିଲେ। ରାଜତନ୍ତ୍ରରୁ ଗଣତନ୍ତ୍ର ଏବଂ ଗଣତନ୍ତ୍ର ଭିତରେ ଥିବା ରାଜତନ୍ତ୍ର ବିରୋଧରେ କରାଯାଇଥିବା ଆନ୍ଦୋଳନକୁ କଳାକାରମାନେ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ହଳଦୀ ବସନ୍ତ ପରିବାରକୁ ହଇରାଣ କରୁଥିବା ଏବଂ ତାଙ୍କର ଘର ଭାଙ୍ଗି ଦେଉଥିବା ହନୁମାଙ୍କଡ଼ କିପରି ପଣସ ଲାଞ୍ଚ ଦେଇ ଭାଲୁ ରାଜାର ବିଚାରକୁ ନିଜ ସପକ୍ଷରେ ନେବାକୁ ସକ୍ଷମ ହେଉଛି ଏବଂ ଏହା ଜାଣିବା ପରେ ବିହଙ୍ଗମାନେ କେମିତି ଏକାଠି ହୋଇ ବିପ୍ଳବ କରିବା ସହ ଭାଲୁ ଏବଂ ହନୁମାଙ୍କଡକୁ ମୃତ୍ୟୁଦଣ୍ଡ ପ୍ରଦାନ କରୁଛନ୍ତି ତାହା ହିଁ ହେଲା ନାଟକର କଥାବସ୍ତୁ। ବିଭିନ୍ନ ଭୂମିକାରେ ଅଲଟରନେଟିଭ୍ ରିଦମ ଥିଏଟର ଏକାଡେମୀ ଆଣ୍ଡ୍ ରିସର୍ଚ୍ଚର କଳାକାର ନାନ୍‌ସୀ, ପ୍ରିୟାଂଶୀ, ଅଂସିତ୍, ସାଇଚନ୍ଦନ, ଆୟୁଷ, ଯାଜ୍ଞସେନୀ, ରୋହନ, ପୀୟୂଷ, ମିଳନ, ଦେବସ୍ୱରିତ, ଅନମୋଲ, ବିଷ୍ଣୁପ୍ରିୟା, ଅନିଶ, ବୈଭବ, ପ୍ରିନ୍ସ, ଈପ୍‌ସିତା ଓ ସ୍ୱୟଂଶ୍ରୀ ଅଭିନୟ କରିଥିଲେ। ଜିଜ୍ଞାସୁ ଏ.ଆର. ସାହୁ, ଆଦିକ ନନ୍ଦ, ଆହାନା ନନ୍ଦ, ଆଲିସା ସାହୁ, ଆୟୁଷ୍ମାନ ପାତ୍ର, ଆଦ୍ୟାଶା ମିଶ୍ର, ଉତ୍କଳଜିତ ପ୍ରମୁଖ କଣ୍ଠଦାନ କରିଥିଲେ। ପୁଷ୍ଟୁ ମହାନ୍ତି ସଙ୍ଗୀତ ଓ ବିକାଶ ପ୍ରଧାନ ଆଲୋକ ସଞ୍ଚାଳନ କରିଥିଲେ। ଦେବଯାନୀ ଦାସ, ତୁଷାରବାଳା ମହାନ୍ତି ନାଟ୍ୟ ପରିଚାଳନା କରିଥିଲେ।



ନାଟକ ବିପ୍ଳବୀ ବିହଙ୍ଗର ଏକ ଦୃଶ୍ୟ।

**ଅଲ୍‌ଟରନେଟିଭ୍ ରିଦମ ଥିଏଟରର ୮ମ ସ୍ୱନକ୍ଷତ୍ର**

ଅନୁଷ୍ଠାନର ଅଧକ୍ଷା ଡ. ପୁଷ୍ପଲତା ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ଓଡ଼ିଶା ନାଟ୍ୟ ସଂଘ ସମ୍ପାଦକ ଲାଲା ବୀରେନ ପ୍ରସାଦ ରାୟ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଓ ଜିଲା ସଂସ୍କୃତି ଅଧିକାରୀ ସୁକ୍ରୁ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳା ସଂସ୍କୃତି ଏବଂ ସାହିତ୍ୟ ଜାତି ଓ ଦେଶକୁ ସମୃଦ୍ଧ କରେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ଦିନେଶ ଦାସ ମଞ୍ଚ ପରିଚାଳନା କରିଥିଲେ। ମନୋହର ଶତପଥୀ, ଦେବକାନ୍ତ ମିଶ୍ର, କାମାକ୍ଷା ପ୍ରସାଦ ରଣା, ଜୟଦେବ ଶତପଥୀ, ପ୍ରମୋଦ ଦାସ, ହରେକୃଷ୍ଣ ସାହୁ, ଜୟଚନ୍ଦ୍ର ମହାପାତ୍ର, ବିଜୟ ମିଶ୍ର, ସୌମିତ୍ରୀ ପାଣିଗ୍ରାହୀ, ମାଧବ ହେମ୍ବ୍ରମ, ପୁରୁଷୋତ୍ତମ ବେହେରା, ରାମେଶ୍ୱରୀ ପଟ୍ଟନାୟକ, ସୁମିତ୍ର ଦେବତା, ଆଶୁତୋଷ ପାଢୀ, ବିଶ୍ୱଜିତ ସାହୁ, ସତ୍ୟଜିତ ରାଉତ ଓ ସୁଶାନ୍ତ କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

